# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ରଘୁନାଥପୁର, ଜିଲ୍ଲା-ଜଗତସିଂହପୁର

ବିଜ୍ଞାପନ ସଂଖ୍ୟା ....୮୧୧.... ତାରିଖ ....୨.୦୨.୨୦୨୫....

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଯେ, ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ପତ୍ର ସଂଖ୍ୟା - ୪୯୭୦/WCD ତା୧୫.୦୩.୨୦୨୩ରିଖ ଓ ୫୫୬୪ ତା୦୭.୦୩.୨୦୨୪ରିଖ ଅନୁଯାୟୀ ଶିଶୁ ବିକାଶ ପ୍ରକଳ୍ପ, ରଘୁନାଥପୁର ନିମ୍ନଲିଖିତ ୨ (ଦୁଇ) ଗୋଟି ଗ୍ରାମର ନିର୍ଦ୍ଧାରିତ କେନ୍ଦ୍ରର ଅଙ୍ଗନୱାଡି କର୍ମୀ ପଦପୂରଣ ନିମନ୍ତେ ଇଚ୍ଛୁକ ପ୍ରାର୍ଥିନୀମାନଙ୍କ ଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତ ଗ୍ରହଣର ଶେଷ ତା୧୭.୦୬.୨୦୨୫ରିଖ ଅଟେ । ପ୍ରାର୍ଥିନୀମାନେ ତା୦୩.୦୬.୨୦୨୫ରିଖ ଠାରୁ ତା୧୭.୦୬.୨୦୨୫ରିଖ ମଧ୍ୟରେ ଅନ୍‌ଲାଇନ୍ ମାଧ୍ୟମରେ http//engagement-awc-odisha.gov.in website କୁ ଯାଇ ଆବଶ୍ୟକୀୟ ଫର୍ମପୂରଣ କରି ନିଜର ପ୍ରମାଣପତ୍ର ସହିତ ଆବେଦନ କରିବେ । ନିର୍ଦ୍ଧାରିତ ତାରିଖ ଓ ସମୟ ବାହାରେ କୌଣସି ଆବେଦନପତ୍ର ଗ୍ରହଣ କରାଯିବ ନାହିଁ । ନିମ୍ନସ୍ୱାକ୍ଷରକାରୀ ଯେକୌଣସି ସମୟରେ କୌଣସି କାରଣ ନଦର୍ଶାଇ ଏହି ବିଜ୍ଞପ୍ତିକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ନାକଚ କରିପାରିବେ ।

| କ୍ର.ନଂ | ଖାଲିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ | ଗ୍ରାମ ପଂଚାୟତର ନାମ | କେନ୍ଦ୍ରର ପରିମିତ ଅଂଚଳ(ଅଙ୍ଗନୱାଡି ସର୍ଭେ ଖାତା ଅନୁଯାୟୀ) |
|---|---|---|---|
| ୧ | ବିଦ୍ୟାଧରପୁର - କ | ବିଦ୍ୟାଧରପୁର | ପାର୍ବତୀ ସେଠୀ, ସ୍ୱାମୀ-୰ଧୁନ ସେଠୀଙ୍କ ଘରଠାରୁ ଆରମ୍ଭ ହୋଇ ରମେଶ ଦାସ, ପିତା-ମୂରଲୀ ଦାସଙ୍କ ଘର ପର୍ଯ୍ୟନ୍ତ |
| ୨ | ଗୋପାଳପୁର - କ | ଧରାଧରପୁର | ବଗୁଲା ଗୋଛାୟତ, ପିତା-୰ ଗୋବିନ୍ଦ ଗୋଛାୟତଙ୍କ ଘରଠାରୁ ଆରମ୍ଭ ହୋଇ ଅମିୟଚନ୍ଦ ମଲ୍ଲିକ, ପିତା-୰ଗୋବିନ୍ଦ ମଲ୍ଲିକଙ୍କ ଘର ପର୍ଯ୍ୟନ୍ତ |

<u>ନିମ୍ନଲିଖିତ ଯୋଗ୍ୟତା ଥିବା ପ୍ରାର୍ଥିନୀମାନେ ଆବେଦନ କରିପାରିବେ -</u>

୧. ଯୋଗ୍ୟତା - ପ୍ରାର୍ଥିନୀମାନେ ଦରଖାସ୍ତ ଆହ୍ୱାନ କରାଯାଇଥିବା କେନ୍ଦ୍ରର ପରିସର ଅଂଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ । କେବଳ କେନ୍ଦ୍ର ପାଇଁ ଚିହ୍ନଟ କରାଯାଇଥିବା ସର୍ଭେ ତାଲିକା ମଧ୍ୟରୁ ଯୋଗ୍ୟ ପ୍ରାର୍ଥିନୀ ଦରଖାସ୍ତ ଆବେଦନ କରିପାରିବେ ।

୨. ବୟସ - ପ୍ରାର୍ଥିନୀଙ୍କ ବୟସ ତା୦୧.୦୧.୨୦୨୫ରିଖ ସୁଦ୍ଧା ୧୮ବର୍ଷରୁ କମ୍ ତଥା ୩୫ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବେ ।

୩. ଶିକ୍ଷାଗତ ଯୋଗ୍ୟତା - ପ୍ରାର୍ଥିନୀମାନଙ୍କର ସର୍ବନିମ୍ନ ଯୋଗ୍ୟତା ଅନ୍ୟୁନ ଦ୍ୱାଦଶ ପାସ୍ ହୋଇଥିବେ ।

୪. ପ୍ରାର୍ଥିନୀମାନେ ସପ୍ତମ ଶ୍ରେଣୀ ଓଡିଆରେ ଉତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

୫. ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ହାସଲ କରିଥିବା ମାର୍କ ଆଧାରରେ ଆବେଦନକାରୀଙ୍କ ମେରିଟ୍‌ଲିଷ୍ଟ ପ୍ରସ୍ତୁତ କରାଯିବ ।

ଉପରଲିଖିତ ଯୋଗ୍ୟତା ମାନ ଥାଇ ପ୍ରାର୍ଥିନୀ ଯଦି ଅନୁସୂଚିତ ଜାତି ଓ ଜନଜାତି / ବିଧବା / ଅନାଥ / ଭିନ୍ନକ୍ଷମ/ ପରିତ୍ୟକ୍ତା / ଅସହାୟ / ଅଧିକ ଶିକ୍ଷାଗତ ଯୋଗ୍ୟତା ଯୁକ୍ତା ହୋଇଥିବେ, ତେବେ ସେମାନଙ୍କୁ ସରକାରଙ୍କ ନିୟମ ମୁତାବକ (ମହିଳା ଓ ଶିଶୁ ବିଭାଗର ପତ୍ର ସଂଖ୍ୟା - ୪୯୭୦/WCD ତା୧୫.୦୩.୨୦୨୩ରିଖ ଅନୁଯାୟୀ ଅତିରିକ୍ତ ମୂଲ୍ୟାଙ୍କନ ଦିଆଯିବ ।

<u>କିପରି ଆବେଦନ କରିବେ -</u>

୧. ଆବେଦନକାରିଣୀ ଅନ୍‌ଲାଇନ୍ ମାଧ୍ୟମରେ http//engagement-awc-odisha.gov.in website କୁ ଯାଇ ଆବଶ୍ୟକୀୟ ଫର୍ମପୂରଣ କରି ନିଜର ପ୍ରମାଣପତ୍ର ଗୁଡ଼ିକୁ ଅନ୍‌ଲାଇନ୍ ମାଧ୍ୟମରେ upload କରିବେ ।

୨. ପ୍ରାର୍ଥିନୀ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ରର ଅବିକଳ ନକଲ ଅନ୍‌ଲାଇନ୍ ମାଧ୍ୟମରେ upload କରିବେ । (ବିଜ୍ଞାପନ ପ୍ରକାଶ ପାଇବାର ୫ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ) ।

୩. ପ୍ରାର୍ଥିନୀ ଜାତିଗତ ପ୍ରମାଣପତ୍ର ଅବିକଳ ନକଲ ଅନ୍‌ଲାଇନ୍ ମାଧ୍ୟମରେ upload କରିବେ ।

୪. ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ରର ଅବିକଳ ନକଲ ଅନ୍‌ଲାଇନ ମାଧ୍ୟମରେ upload କରିବେ ।

୫. ପ୍ରାର୍ଥିନୀ ବିଧବା (ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର) / ଅନାଥ (ସରକାରୀ ସ୍ୱୀକୃତିପ୍ରାପ୍ତ ଅନାଥାଶ୍ରମରୁ ପ୍ରମାଣିତ) / ଭିନ୍ନକ୍ଷମ (ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରିଙ୍କ ଠାରୁ ପ୍ରମାଣିତ) / ପରିତ୍ୟକ୍ତା (ଅଦାଲତରୁ ପ୍ରମାଣିତ) / ଅସହାୟ ଥିଲେ ତାହାର ପ୍ରମାଣପତ୍ର ଅନ୍‌ଲାଇନ୍ ମାଧ୍ୟମରେ upload କରିବେ ।

୬. ବୟସ ପ୍ରମାଣପତ୍ରର ଅବିକଳ ନକଲ (ମାଟ୍ରିକ୍ ସାର୍ଟିଫିକେଟ) ଅନ୍‌ଲାଇନ ମାଧ୍ୟମରେ upload କରିବେ ।

୭. ଆବେଦନକାରିଣୀ ନିଜର ପାସପୋର୍ଟ ସାଇଜ୍ ଫଟୋ ଏବଂ ଦସ୍ତଖତ ଅନ୍‌ଲାଇନ୍ ମାଧ୍ୟମରେ upload କରିବେ ।

ଯଦି ପ୍ରାର୍ଥିନୀଙ୍କ ଜାତି / ସ୍ଥାୟୀ ବାସିନ୍ଦା / ଶିକ୍ଷାଗତ ପ୍ରମାଣପତ୍ରରେ କୌଣସି ମିଥ୍ୟା ତଥ୍ୟ ଚିହ୍ନଟ ହୁଏ, ତେବେ ପ୍ରାର୍ଥିନୀଙ୍କ ଦରଖାସ୍ତ ନାକଚ କରାଯିବା ସହିତ ସରକାରୀ ନିୟମ ଅନୁଯାୟୀ ଦଣ୍ଡିତ ହେବେ ।

ପ୍ରାର୍ଥିନୀମାନଙ୍କ ଠାରୁ ପାଇଥିବା ଦରଖାସ୍ତ ଗୁଡିକ ତା୧୮.୦୬.୨୦୨୫ରିଖ ଦିନ ଚୟନ କମିଟି ଦ୍ୱାରା ରଘୁନାଥପୁର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ତନଖି କରାଯିବ । ଉକ୍ତ ଦିନ ସକାଳ ୧୦ ଘଟିକାରୁ ଅପରାହ୍ନ ୩ଘଟିକା ସମୟ ମଧ୍ୟରେ ଆବେଦନକାରୀ ପ୍ରାର୍ଥିନୀମାନେ ସେମାନଙ୍କର ମୂଳ ପ୍ରମାଣପତ୍ର ସହିତ ଅତ୍ର କାର୍ଯ୍ୟାଳୟରେ ନିଜେ ଉପସ୍ଥିତ ରହି ମୂଳ ପ୍ରମାଣପତ୍ର ସହ ଯାଂଚ୍ କରାଇବା ହେବେ । ନିର୍ଦ୍ଧାରିତ ଦିବସରେ ମୂଳ

ପ୍ରମାଣପତ୍ର ସହ ଯାଂଚ୍ କରାଯାଇନପାରିଲେ ଉକ୍ତ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ସମସ୍ତ ଦରଖାସ୍ତଗୁଡ଼ିକୁ ମୂଳ ପ୍ରମାଣପତ୍ର ସହିତ ଯାଂଚ୍ କଲାପରେ ଏକ ଯୋଗ୍ୟ ଆବେଦନକାରିଣୀଙ୍କ ତାଲିକା ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ର / ସମ୍ପୃକ୍ତ ଗ୍ରାମପଂଚାୟତ / ପଂଚାୟତ ସମିତି / କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଜନସାଧାରଣଙ୍କ ଅବଗତି ପାଇଁ ତା୧୮.୦୬.୨୦୨୫ରିଖ ଦିନ ଏକ ଚିଠି ପ୍ରକାଶନ କରାଯିବ ।

ଉକ୍ତ ଯୋଗ୍ୟତା ତାଲିକା ସମ୍ବନ୍ଧରେ କୌଣସି ଆପତି କିମ୍ବା ଅଭିଯୋଗ ଥିଲେ ସେ ସମ୍ବନ୍ଧେ ତା୧୯.୦୬.୨୦୨୫ରିଖ ଠାରୁ ତା୨୫.୦୬.୨୦୨୫ରିଖ ମଧ୍ୟରେ ଆପତି / ଅଭିଯୋଗ ଅନ୍‌ଲାଇନ ମାଧ୍ୟମରେ ଦାଖଲ କରିପାରିବେ । ନିର୍ଦ୍ଧାରିତ ତାରିଖ ମଧ୍ୟରେ ମିଳିଥିବା ଆପତି / ଅଭିଯୋଗ ଗୁଡ଼ିକର ଶୁଣାଣି କମିଟି ଦ୍ୱାରା ତଦାରଖ କରାଯିବ ।

ଏ ସମସ୍ତ କାର୍ଯ୍ୟକୁ ଭିତିକରି ପ୍ରାର୍ଥିନୀ ଚୟନ ପାଇଁ ଚୂଡ଼ାନ୍ତ ତାଲିକା ପରବର୍ତୀ ସାତଦିନ ସୁଦ୍ଧା ପ୍ରକାଶ କରାଯାଇପାରେ ଏବଂ କୌଣସି ଅନିବାର୍ଯ୍ୟ କାରଣ ବଶତଃ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଁ ନୋଟିସ୍ ମାଧ୍ୟମରେ ପରିବର୍ତନ କରାଯାଇପାରେ । ପ୍ରକାଶଥାଉକି ଉକ୍ତ ବିଜ୍ଞାପନ ସମ୍ବନ୍ଧରେ ପରବର୍ତୀ ସମୟରେ କିଛି ପରିବର୍ତନ ପାଇଁ ନୋଟିସ୍ ଦିଆଯାଇପାରେ କିମ୍ବା କୌଣସି କାରଣ ନଦର୍ଶାଇ ଏହି ବିଜ୍ଞାପନକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଅଛି ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ରଘୁନାଥପୁର

ପରିପତ୍ର ସଂଖ୍ୟା ...୪୯୨........ / ତାରିଖ ...୦୨.୦୨.୨୦୨୫

ଏହାର ଏକକିତା ନକଲ ସମ୍ପୃକ୍ତ ପରିଦର୍ଶିକା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ନିକଟକୁ ପ୍ରେରଣ କରାଯାଇ ନିର୍ଦ୍ଦେଶ ଦିଆଗଲା ଯେ ସେମାନେ ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ପରିସର ଅଂଚଳରେ ବହୁଳ ପ୍ରଚାର ନିମନ୍ତେ ବ୍ୟବସ୍ଥା କରାଇବେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ରଘୁନାଥପୁର

ପରିପତ୍ର ସଂଖ୍ୟା ...୪୯୩........ / ତାରିଖ ...୦୨.୦୨.୨୦୨୫

ଏହାର ଏକକିତା ନକଲ ସମ୍ପୃକ୍ତ ସରପଂଚଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ପଂଚାୟତ ଅଧିନସ୍ଥ ଦର୍ଶାଯାଇଥିବା ଅଙ୍ଗନୱାଡ଼ି କେନ୍ଦ୍ର ପରିସରଭୁକ୍ତ ଅଂଚଳରେ ବହୁଳ ପ୍ରଚାର ପାଇଁ ପଦକ୍ଷେପ ନେବେ ଓ ଜନସାଧାରଣଙ୍କ ଅବଗତ ନିମନ୍ତେ ପଂଚାୟତ କାର୍ଯ୍ୟାଳୟ ସୂଚନା ଫଳକରେ ଲଟକାଇବାର ବ୍ୟବସ୍ଥା କରାଇବେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ରଘୁନାଥପୁର

**ପରିପତ୍ର ସଂଖ୍ୟା ...୪୧୪......... / ତାରିଖ ...୦୨.୦୨.୨୦୨୫**

ଏହାର ଏକକିତା ନକଲ କାର୍ଯ୍ୟାଳୟର ସୂଚନା ଫଳକରେ ଲଟକାଇବାକୁ ନିର୍ଦ୍ଦେଶ ଦିଆଗଲା ଓ ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରଘୁନାଥପୁର / ଅଧିକ୍ଷକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରଘୁନାଥପୁର / ତହସିଲଦାର, ରଘୁନାଥପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା, ଅନୁରୋଧ କରାଗଲା ଯେ ଜନସାଧାରଣଙ୍କ ଅବଗତି ନିମନ୍ତେ ସେ ତାଙ୍କ କାର୍ଯ୍ୟାଳୟର ସୂଚନା ଫଳକରେ ଲଟକାଇବାର ବ୍ୟବସ୍ଥା କରାଇବେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ରଘୁନାଥପୁର

**ପରିପତ୍ର ସଂଖ୍ୟା ...୪୧୫......... / ତାରିଖ ...୦୨.୦୨.୨୦୨୫**

ଏହାର ଏକକିତା ନକଲ ଅଧକ୍ଷ / ଉପାଧକ୍ଷ ପଂଚାୟତ ସମିତି ରଘୁନାଥପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ରଘୁନାଥପୁର

**ପରିପତ୍ର ସଂଖ୍ୟା ...୪୧୬......... / ତାରିଖ ...୦୨.୦୨.୨୦୨୫**

ଏହାର ଏକକିତା ନକଲ ଜିଲ୍ଲାପାଳ, ଜଗତସିଂହପୁର / ଉପଜିଲ୍ଲାପାଳ, ଜଗତସିଂହପୁର / ଜିଲ୍ଲା ସାମାଜ ମଙ୍ଗଳ ଅଧିକାରୀ, ଜଗତସିଂହପୁର / ଅଧକ୍ଷ ଜିଲ୍ଲାପରିଷଦ, ଜଗତସିଂହପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ରଘୁନାଥପୁର